PUBLICATION NAME : Darshan

EDITION : Bhubaneswar

DATE : 23-11-2021

PAGE : 05

# ଇଡିଆଇଆଇକୁ କୌଶଳ ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ପକ୍ଷରୁ ସମ୍ମାନଜନକ 'ଉତ୍କର୍ଷ କେନ୍ଦ୍ର' ମାନ୍ୟତା ପ୍ରଦାନ

**ଭୁବନେଶ୍ୱର:** ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ଏଂଟରପ୍ରେନ୍ୟୁଅର୍‌ସିପ୍ ଡେଭେଲପ୍‌ମେଂଟ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଇଡିଆଇଆଇ)କୁ ଦେଶର କୌଶଳ ବ୍ୟବସ୍ଥା କ୍ଷେତ୍ରରେ ଭାରତ ସରକାରଙ୍କ ପକ୍ଷରୁ ଉତ୍କର୍ଷ କେନ୍ଦ୍ର (ସିଓଇ) ମାନ୍ୟତା ପ୍ରଦାନ କରାଯାଇଛି । ଏ ନେଇ କେନ୍ଦ୍ର କୌଶଳ ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ପକ୍ଷରୁ ଗେଜେଟ୍ ବିଜ୍ଞପ୍ତି ଜାରି କରାଯାଇଛି । ଏହି ମାନ୍ୟତା ପାଂଚ ବର୍ଷ ପାଇଁ ବଜାୟ ରହିବ । ବହୁ ସମୟ ପର୍ଯ୍ୟନ୍ତ ମନ୍ତ୍ରଣାଳୟ ପକ୍ଷରୁ ଅନୁଷ୍ଠାନର ବିଭିନ୍ନ ମାନଦଣ୍ଡକୁ ଯାଂଚ କରିବା ପରେ ଏହି ନିଷ୍ପତି ଗ୍ରହଣ କରାଯାଇଛି । ମନ୍ତ୍ରଣାଳୟର ଗାଇଡ୍‌ଲାଇନ୍ ଅନୁସାରେ ଏକ ଉତ୍କର୍ଷ କେନ୍ଦ୍ର ହେଉଛି ତାହା ଯାହା ଶ୍ରେଷ୍ଠ ବ୍ୟବସ୍ଥା, ନେତୃତ୍ୱ, ଗବେଷଣା ଓ ବିକାଶ ସହାୟତା, ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ଏବଂ ନିର୍ଦ୍ଦିଷ୍ଟ କ୍ଷେତ୍ର ଉପରେ ଉଦୀୟମାନ ପ୍ରଯୁକ୍ତିକୁ ନେଇ କୌଶଳ ତାଲିମ ପ୍ରଦାନ କରିଥାଏ । ଇଡିଆଇଆଇ ପକ୍ଷରୁ ଶିଳ୍ପ, ଶିକ୍ଷାନୁଷ୍ଠାନ ଏବଂ ସରକାରଙ୍କ ସହ ଯୋଗାଯୋଗ ରକ୍ଷା କରି କୌଶଳ ଓ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ଏହା ଦ୍ୱାରା ନୂତନ ସଂସ୍ଥା ସୃଷ୍ଟି ହେଉଥିବା ବେଳେ ପ୍ରଶିକ୍ଷାର୍ଥୀମାନେ ନିଯୁକ୍ତି ପାଇଁ ସକ୍ଷମ ହୋଇପାରୁଛନ୍ତି ।